# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 August – 2025**

## ଝାରସୁଗୁଡା-ବିମାନ ଚଳାଚଳ

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଭୁବନେଶ୍ୱର ବିମାନ ବନ୍ଦରରେ ଭୁବନେଶ୍ୱରରୁ-ଝାରସୁଗୁଡା ପର୍ଯ୍ୟନ୍ତ ସିଧାସଳଖ ବିମାନ ସେବାର ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ପଶ୍ଚିମ ଓଡିଶାକୁ ରାଜଧାନୀ ସହ ନିକଟତର କରିବ ଏବଂ ଶିଳ୍ପ ଅଭିବୃଦ୍ଧି, ପର୍ଯ୍ୟଟନ ଓ ସାଂସ୍କୃତିକ ଆଦାନ ପ୍ରଦାନକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ୭୬ସିଟ୍ ବିଶିଷ୍ଟ ଏହି ବିମାନ, ବିମାନ ଯୋଜନାରେ ଚଳାଚଳ ଆରମ୍ଭ କରିଛି । ବିମାନଟି ବର୍ତ୍ତମାନ ସପ୍ତାହର ପାଞ୍ଚଦିନ ଯାତ୍ରା କରିବ । ଖୁବ୍ ଶୀଘ୍ର ଏହାକୁ ଦୈନିକ ବିମାନ ସେବାରେ ପରିଣତ କରାଯିବ ବୋଲି ଜଣାପଡିଛି ।

## ସଡକ ସୁରକ୍ଷା

ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସଡକ ସୁରକ୍ଷାକୁ ଅଧିକ ସୁଦୃଢ କରିବା ନେଇ ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ସଡକ ଦୁର୍ଘଟଣା ହ୍ରାସ କରିବା, ଟ୍ରାଫିକ ନିୟମର କଡା କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥ ପେଟ୍ରୋଲିଂ, ସିସିଟିଭି ନିରୀକ୍ଷଣ ଏବଂ ସଡକ ସୁରକ୍ଷା ନେଇ ଶିକ୍ଷାନୁଷ୍ଠାନ ଗୁଡିକରେ ସଚେତନତା ସୃଷ୍ଟି ନେଇ ଆଲୋଚନା ହୋଇଛି। ବୈଠକରେ କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ସୁନ୍ଦରଗଡ ଏବଂ ଖୋର୍ଦ୍ଧା ଜିଲ୍ଲାରେ ସଡକ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ୫ଶହ ଟ୍ରାଫିକ ୱାର୍ଡେନ ମୁତୟନ ପାଇଁ ନିଷ୍ପତ୍ତି ହୋଇଛି ।

## ସଡକ ସୁରକ୍ଷା–କଟକ

ସଡକ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ କଡାକଡି ଯାଞ୍ଚ ଜାରି ରହିଛି । ନିୟମ ଉଲ୍ଲଂଘନ କରିଥିବା ୨୨୭ଟି ଗାଡିର ଫିଟନେସ ପ୍ରମାଣପତ୍ର ରଦ୍ଦ କରାଯାଇଛି । ମୋଟର ଯାନ ଆଇନ ଅନୁଯାୟୀ ସମସ୍ତ ବାଣିଜ୍ୟିକ ଯାନରେ ରେଟ୍ରୋ ରିଫ୍ଲେକ୍ଟିଭ ଟେପ୍ ଲଗାଇବା ବାଧ୍ୟତାମୂଳକ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ।

---

## ମହାକାଶଚାରୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ

ମହାକାଶଚାରୀ ଭାରତୀୟ ବାୟୁସେନାର ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଳା ଆଜି ଆମେରିକାରୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ତାଙ୍କୁ ଆଜି ସକାଳେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଥମ ଭାରତୀୟଭାବେ ଆକ୍ସିଓମ୍-୪ ମିଶନରେ ମହାକାଶଚାରୀଭାବେ ଶୁଭାଂଶୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ସଫଳ ଯାତ୍ରା କରି ଗତ ମାସ ୧୫ତାରିଖରେ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଥିଲେ । ପରେ ସ୍ୱାସ୍ଥ୍ୟଗତ ପରିବର୍ତ୍ତନ ସକାଶେ ଶୁଭାଂଶୁ ଆମେରିକାରେ ରହିଥିଲେ ।

---

## ଆସ ସ୍କୁଲ ଯିବା ଅଭିଯାନ

ଚଳିତ ଶିକ୍ଷା ବର୍ଷରେ ସାରା ରାଜ୍ୟରେ ‘ଆସ ସ୍କୁଲ ଯିବା’ ଅଭିଯାନ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା, ବିଦ୍ୟାଳୟ ଯାଇ

ନ ଥିବା ପିଲାଙ୍କୁ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା ଏବଂ ପିଲାମାନେ ପାଠପଢା ନ ଛାଡିବା ପାଇଁ ଆବଶ୍ୟକ ପ୍ରତିକାରାତ୍ମକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା ।

## ସଚେତନତା କାର୍ଯ୍ୟକ୍ରମ

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଭଦ୍ରକ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ 'ବେଟି ବଚାଓ, ବେଟି ପଢାଓ' ସମ୍ପର୍କୀତ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାପ୍ରଶାସନର ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ । ଅଧାରୁ ପାଠ ଛାଡୁଥିବା ଝିଅମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା, କନ୍ୟା ଭୃଣହତ୍ୟା ବନ୍ଦ କରିବା ଏବଂ ଝିଅମାନଙ୍କୁ ସମାନ ଅଧିକାରୀ ଦେବା ଆଦି ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା ।

## ନନ୍ଦୋତ୍ସବ

ପୁରୀ ଶ୍ରୀମନ୍ଦିରରେ ନନ୍ଦୋତ୍ସବ ନୀତି ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟା ଆଳତି ସରିବା ପରେ ମହାଜନ ସେବାୟତମାନେ ରାମକୃଷ୍ଣ ଓ ଦକ୍ଷିଣ ଘରୁ ମଦନମୋହନଙ୍କୁ ଜଗମୋହନରେ ଅବସ୍ଥାପିତ ଦୋଳିରେ ବିଜେ କରାଇଥିଲେ । ମଇଲମ ଓ ଅନ୍ୟାନ୍ୟ ନୀତିକାନ୍ତି ପରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ନିକଟରେ ଷଠୀ ଓ ମାର୍କଣ୍ଡ ପୂଜା ହୋଇଥିଲା । ଭିତରଚ୍ଛ ମହାପାତ୍ର  ନନ୍ଦରାଜା ରୂପରେ ଶ୍ରୀନଅରକୁ ଯାଇ ଫେରିବା ପରେ ସ୍ନାନମଣ୍ଡପ

ଉପରେ ବସିଥିଲେ ।  ଏହାପରେ ମା' ଲକ୍ଷ୍ମୀଙ୍କ ମନ୍ଦିର ନିକଟରେ ଗାଇଦୁହାଁ ପରମ୍ପରା ଅନୁଷ୍ଠିତ ହୋଇଥିଲା ।

କଟକରେ ଭକ୍ତି ଓ ଶ୍ରଦ୍ଧାର ସହ ନନ୍ଦ ଉତ୍ସବ ପାଳନ କରାଯାଇଛି । ଏହା ସହ ଶାରଦୀୟ ଦୁର୍ଗୋତ୍ସବରେ ଠାକୁରାଣୀଙ୍କ ମୂର୍ତ୍ତି ଗଢା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ନଦୀରୁ ମାଟି ଉଠା ପରମ୍ପରା ଅନୁଷ୍ଠିତ ହୋଇଯାଇଛି ।

## ଆଇନ ସଚେତନତା

କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ପ୍ରାଧିକରଣର ସଚିବ ଏବଂ ଅନ୍ୟ ଆଇନଜୀବୀମାନେ  ହିତାଧିକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ଦୀର୍ଘଦିନ ପଡି ରହିଥିବା ବିବାଦର ସମାଧାନ ଏବଂ ନିଶୁଳ୍କ ଆଇନସେବା ପ୍ରଦାନ ଆଦି ଦିଗ ଉପରେ ଆଲୋଚନା କରିଥିଲେ ।

## ସାମୁହିକ ଔଷଧ ସେବନ

ସୁବର୍ଣ୍ଣପୁର ଜିଲ୍ଲାରେ ଫାଇଲେରିଆ ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଜାରି ରହିଛି । ଜିଲ୍ଲାରେ ଗତକାଲି ସୁଦ୍ଧା ୨ଲକ୍ଷ ୫୮ହଜାର ୫୪ଜଣ ହିତାଧିକାରୀ ଔଷଧ ସେବନ କରିଛନ୍ତି । ଆଗାମୀ ତିନିଦିନ ମଧ୍ୟରେ ୧ଲକ୍ଷ ୭୨ହଜାର ୭୬୨ଜଣଙ୍କୁ ଔଷଧ ସେବନ କରାଇବାର ଲକ୍ଷ୍ୟ ରଖାଯାଇଛି ।

# ପାଣିପାଗ

ରାଜ୍ୟରେ ଲଘୁଚାପଜନିତ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ସୁଦ୍ଧା ଉତ୍ତର-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ଚାରିଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୪ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।